ମାଆ କହୁଛ—ଆସନ୍ତୁ, ବସନ୍ତୁ ଭିତରେ । କୋଉଠୁ ଆସିଛନ୍ତି ଆପଣମାନେ ?

(ଜଣେ ନୁହେଁ । ନିଶ୍ଚୟ ତେବେ ଏକାଧିକ ।)

: ରାଉରକେଲାରୁ । ପ୍ରଗତି ନାଟ୍ୟ ସଂଘ·········

ତା'ମାନେ, ସେମାନେ ମୋତେ ଡାକିବାକୁ ଆସିଛନ୍ତି । ମନଟା ଖୁସିହୋଇ ଉଠିଲା । ସୌଖୀନ ନାଟ୍ୟ ସଂସ୍ଥାରେ ମୁଁ ଅଭିନୟ କରେ । କରେ ଅର୍ଥରବିନିମୟରେ । କରି ଚାଲିଛି ସତର ବର୍ଷ ବୟସରୁ, ଆଜିକି ଦଶବର୍ଷ ହେଲା । କରିଛି ବିଭିନ୍ନ ସ୍ଥାନରେ, ଇମିତିକି ଓଡ଼ିଶା ବାହାରେ ବି । ଓଡ଼ିଆ ନାଟକରେ ଅବଶ୍ୟ । ତେବେ ରାଉରକେଲାରୁ କେହି ମୋ ପାଖକୁ ଆସିବା ଆଜି ଏଇ ପ୍ରଥମ ।

ମାଆ ସାଙ୍ଗରେ ସେମାନଙ୍କର କଥାବାର୍ତ୍ତା ଚାଲିଛି । ସବୁ ଶୁଣି ପାରୁଛି ମୁଁ । ତଥାପି ହଠାତ୍ ବାହାରକୁ ଉଠିଯିବାର ନୁହେଁ । ମୁଁ ଅଭିନେତ୍ରୀ । ବିଛଣାରୁ ଉଠିବା ପରେ·········ଏଇ ଭଳି ଦେହ, ମୁହଁ ଆଉ ବେଶ ବାସ ନେଇ ନିଶ୍ଚୟ ମୁଁ ବସିବା ଘରକୁ ଯିବିନି । ଯିବି ସେଇମାନଙ୍କ ଆଗକୁ··· ଅନ୍ତତଃ ଯୋଉମାନେ······ଏତେ ଦୂରରୁ ମୋତେ ଡାକିବାକୁ ଆସନ୍ତି ।

ସେ କଥା ଜାଣେ ମାଆ ବି ।

ତେଣୁ ସେ ଗପ ଯୋଡ଼ି ଦେଇଛି । ଚା' ଦେଉଛି ସେମାନଙ୍କୁ । ଅର୍ଥାତ୍ ସମୟ ଦେଉଛି ମୋତେ ନିତ୍ୟକର୍ମ ସାରିବା ପାଇଁ······ପ୍ରସ୍ତୁତ ହେବା ପାଇଁ ।

ବସିବା ଘରୁ ଶୁଭୁ ଥିଲା ସେମାନଙ୍କ କଥାବାର୍ତ୍ତା ।

···ତମେ ପୁଅ, କୋଉ ଡ୍ରାମା କରୁଛ ?

ଆଗନ୍ତୁକମାନଙ୍କୁ ମାଆ ଚା' ଭିତରେ 'ତମେ' କରି ସାରିଲାଣି । ହୁଏତ ବୟସ ସେମାନଙ୍କର ମାଆ ଠାରୁ ଯଥେଷ୍ଟ କମ୍—ନହୁବା ସେଇମାନେଇ ନିଜ ଆଡ଼ୁ ପ୍ରଥମେ କହିଥିବେ, 'ଆପଣ' 'ଆପଣ' କରୁଛନ୍ତି କାହିଁକି ? ଘନିଷ୍ଠ ହେବା ପାଇଁ ନ ହେଲେ 'ମାଉସୀ' ଡାକିଥିବେ ଆଗେ ।

ମନେ ମନେ ହସିଲି ।

ଗୋଟିକର । ଢ଼ଳା ହେଲା ଗ୍ଲାସରେ । ଧୀରେ ଧୀରେ 'ସିପ୍' କଲୁ ଉଭୟ । ମୁହଁରେ ଏକା ଥରେ ଦୁଇଟି ସିଗାରେଟ୍ ପୁରାଇ ସେ ଟାଣିବାକୁ ଲାଗିଲା, ଆଉ ମୋ ଆଡ଼କୁ ବଢ଼ାଇ ଦେଲା ଗୋଟିଏ ।

ଲାଇଟର୍‌ରେ ଧରାଇ ନେଇ ତା' ଆଡ଼କୁ ଗ୍ହାଁଲି । ଝାଉଁ ବଣ ଉପରେ ଉଠିଥିବା ପୂର୍ଣ୍ଣଚନ୍ଦ୍ର ପ୍ରତି ଦୃଷ୍ଟି ତା'ର ନିବଦ୍ଧ । ଅଦ୍ଭୁତ··· ଉଦାସୀନ···ଆଉ ରହସ୍ୟମୟ ତା' ଆଖି ।

ରାତି ସେତେବେଳେ ନିସ୍ତବ୍ଧତର ହେଉଥିଲା । ମୃଦୁ ମୃଦୁ ଶୁଭୁଥିଲା ସମୁଦ୍ରର ଧ୍ୱନି । ସେ ତା'ର ଲମ୍ବା ନାକ ମୋ ଆଡ଼କୁ ଫେରାଇ ପଗ୍ଭରିଲା; ସମୁଦ୍ର ଏଠୁ କେତେ ଦୂର ହେବ ?

: ଅଳ୍ପ ।

: ତେବେ ?

: ଏଇ···ଦୁଇ ମାଇଲ୍ ।

: ପ୍ରାଗୈତିହାସିକ ମନ ମୋର ଚାହୁଁଛି ଆଉ ବେଶୀ ସମୟ ଏଇ ଇତିହାସର ଅଭିଜ୍ଞାନ ଭିତରେ ବସି ରହିବା ପାଇଁ । ଗ୍ଭଲ ଯିବା ବେଳାକୁ । ସମୁଦ୍ର ଚିରନ୍ତନ ପ୍ରାଗୈତିହାସିକ ! ଇତିହାସ ତାକୁ ପରିବର୍ତ୍ତିତ କରିନି, ଇତିହାସ ତା'ର ରୂପ ବଦଳାଇ ପାରିନି ।

ସାଗର ତଟରେ ନବ-ନିର୍ମିତ ବିରାଟ ଲାଇଟ ହାଉସ୍ ଠିଆ ହୋଇଛି ଅଭ୍ରଂକଷ ମଥା ଟେକି । ନିର୍ମାଣ ଶେଷ ହେଲାଣି; କିନ୍ତୁ ଆଲୋକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଡେରି ଅଛି କାର୍ଯ୍ୟକାରୀ ହେବାକୁ ।

